# ଅଲ୍ ଓଡିଶା ୟୁନିୟନ୍ ବ୍ୟାଙ୍କ୍ ଏମ୍ପ୍ଲୋୟିଜ୍ ଆସୋସିଏସନ

(AIUBEF ସହ, ଏବଂ AOBEF ମାଧମରେ BEFI ସହ, ଅନୁବନ୍ଧିତ); *ସ୍ଥାପିତ* - ୦୭-୦୮-୧୯୭୭

*ମୁଖ୍ୟ କାର୍ଯ୍ୟାଳୟ* - ମାର୍ଫତ୍ ୟୁନିୟନ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ନୟାପଲ୍ଲୀ ଶାଖା, ୩/୧-ଏ, ସିଭିକ୍ ସେଣ୍ଟର୍,

ଆଇ.ଆର୍.ସି. ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର୍

*e-mail* :- aoubea@gmail.com, Website : www.aoubea.org

==========================================================================================

ଭୁବନେଶ୍ୱର ତାରିଖ:- ୨୩.୧୧.୨୦୧୯

ପରିପତ୍ର ସଂଖ୍ୟା – ୨୨ / ୨୦୧୯




ସାଥୀଗଣ, ଆପଣ ମାନେ ଜାଣନ୍ତି ଆମ ରାଜ୍ୟ ସଂଗଠନ ର ପ୍ରଥମ ମହିଳା ସମ୍ମିଳନୀ ତା ୦୪.୧୨.୨୦୧୬ ରିଖ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିଲା । ସେହି ଦିନ ଠାରୁ ଆମ ନିର୍ବାଚିତ ସବ କମିଟି ର କର୍ମକର୍ତ୍ତା/ସଦସ୍ୟା ମାନେ ସକ୍ରିୟ ଭାବେ ସଂଗଠନର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ପ୍ରତ୍ୟେକ ସାଙ୍ଗଠନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି । ଏପରିକି ଆମ ମହିଳା ସାଥୀ ମାନଙ୍କ ମଧ୍ୟରୁ AOBEF,AIUBEF ଓ BEFI ରେ ଥିବା ମହିଳା ସବ କମିଟି ମାନଙ୍କରେ ନେତୃତ୍ୱ ନେଇ ସୂଚାରୁ ରୂପେ ଦାୟିତ୍ୱ ତୁଲାଇଛନ୍ତି। ଯାହା ଆମ ସମସ୍ତ ଙ୍କ ପାଇଁ ଗର୍ବର ବିଷୟ ।

ଆଜି ଆମେ ଯଦି ବ୍ୟାଙ୍କରେ ନିଯୁକ୍ତି କଥାକୁ ବିଚାରକୁ ନେବା ତାହେଲେ ଦେଖିବା ପୂର୍ବ ତୁଳନାରେ ମହିଳା ମାନଙ୍କ ନିଯୁକ୍ତି ବହୁ ସଂଖ୍ୟା ରେ ବୃଦ୍ଧି ପାଇଛି । ଯାହା ନିଶ୍ଚିତ ରୂପେ ସ୍ୱାଗତ ଯୋଗ୍ୟ ଅଟେ । କିନ୍ତୁ ବ୍ୟାଙ୍କ ତଥା ଅନ୍ୟ ସଂସ୍ଥା ମାନଙ୍କରେ କର୍ମଜୀବି ମହିଳା ମାନେ ସମ୍ମୁଖୀନ ହେଉଥିବା ଆସାମଞ୍ଜସ୍ୟତା ଓ ପକ୍ଷପାତିତା ଭଳି ସାମାଜିକ ବ୍ୟାଧିକୁ ବିରୋଧ କରିବା ଏବଂ କର୍ତ୍ତୃପକ୍ଷ ଙ୍କ

ଠାରେ ନିଜର ଦାବିକୁ ପ୍ରତିପାଦନ କରିବା ପାଇଁ ଆମ ରାଜ୍ୟ ସଂଗଠନ ଓମେନ ସବ କମିଟି ମାଧ୍ୟମରେ ସେମାନଙ୍କୁ ପ୍ରେରଣା ଯୋଗାଇବା ସହିତ ସଚେତନ କରିବା ପାଇଁ ଚେଷ୍ଟା କରିଛି ।

ଗତ ୧୫ ଓ ୧୬ ତାରିଖରେ ବିଜୟୱାଡା ଠାରେ ଅନୁଷ୍ଠିତ ହୋଇଥିବା ଆମ କେନ୍ଦ୍ରିୟ ଫେଡେରେସେନ ର ସେଣ୍ଟ୍ରାଲ କମିଟି ମିଟିଂ ର ନିଷ୍ପତ୍ତି ଅନୁଯାୟୀ   ଆମ ଫେଡେରେସନ ର ମହିଳା ୟୁନିଟ ର ଅଖିଳ ଭାରତ ମହିଳା ସମ୍ମିଳନୀ ଆସନ୍ତା ଫେବୃଆରି ମାସ ଚେନ୍ନାଇ ଠାରେ ଅନୁଷ୍ଠିତ ହେବ । ଫେଡେରେସନର ନିର୍ଦ୍ଦେଶ ଅନୁସାରେ ଫେବୃଆରି ମାସ ପୂର୍ବରୁ ସମସ୍ତ ରାଜ୍ୟ ୟୁନିଟ ନିଜ ନିଜ ସଙ୍ଗଠନର ମହିଳା ସମ୍ମିଳନୀ ସମାପ୍ତ କରି କମିଟି ସଦସ୍ୟା ଙ୍କ ନାମ ଫେଡେରେସେନ କୁ ଜଣାଇବେ । ତଦନୁଯାୟୀ ଆମ ରାଜ୍ୟ ସଙ୍ଗଠନର ମହିଳା ସମ୍ମିଳନୀ ଆସନ୍ତା ମାସ ଡିସେମ୍ବର ୦୮ ତାରିଖ ଦିନ ନିମ୍ନ ପ୍ରଦତ୍ତ ଠିକଣାରେ ଅନୁଷ୍ଠିତ ହେବ ।

କମ୍ରେଡ ଆମ ସଂଗଠନର ଧାରା ଅନୁସାରେ ପ୍ରତି ତିନି ବର୍ଷ ରେ ଥରେ ମହିଳା ସମ୍ମିଳନୀ କରିବା ସହିତ ନୂତନ କର୍ମକର୍ତ୍ତା   ବଛା ହେବା ଓ ନୂତନ କମିଟି ଗଠନ ହେବା ବିଧେୟ ଅଟେ । ତେଣୁ ରାଜ୍ୟ ସଂଗଠନର ସମସ୍ତ କର୍ମକର୍ତ୍ତା ଓ ମହିଳା ସବ କମିଟି ର ସଦସ୍ୟା ଙ୍କ ସହିତ ସମସ୍ତ ମହିଳା ସାଥୀମାନେ ଏଥିରେ ଯୋଗ ଦେଇ ସମ୍ମିଳନୀକୁ ସଫଳ କରିବାକୁ ଅନୁରୋଧ ।

**ବିଶ୍ରାମ ଓ ସଭା ସ୍ଥଳ :-**

**ସାମ୍ୟବାଦୀ ଭବନ , ସି ପି ଆଇ (ଏମ) ପାର୍ଟି ଅଫିସ , (ପର୍ଲ ହାଇଟ୍ସ  ହୋଟେଲ ପାଖରେ)**

**ଜେ – ୭/୧ , ଜୟଦେବ ବିହାର , ଭୁବନେଶ୍ୱର, ଓଡିଶା**

**ଯୋଗାଯୋଗ :-**

**ଶରତ ଚନ୍ଦ୍ର ସେନାପତି – ୭୯୭୮୩୮୧୯୨୨, ଚନ୍ଦନ କିଶୋର ମୁଖୀ  - ୯୮୫୩୪୩୬୪୧୧**

**ସତ୍ୟନାରାୟଣ ପ୍ରଧାନ – ୯୫୮୩୪୭୨୭୯୨,ଶତାବ୍ଦୀ ଶୁଭଦର୍ଶିନୀ – ୮୮୯୫୪୩୩୯୧୩**

**ବାସନ୍ତୀ ଦେବନାଥ -  ୭୮୯୪୮୪୫୦୧୨**




3 min (1.2 km)

**( ରିଜିଓନାଲ ଅଫିସ ରୁ ସଭା ସ୍ଥଳ )**

**ଅଜୟ କୁମାର ମହାନ୍ତି**

**ସାଧାରଣ ସମ୍ପାଦକ**